# Akashvani, Sambalpur

## SAMBALPURI NEWS BULLETIN

### 22 May 2025- 6.47- 6.52 am.

*************************************************

ଅମୃତ୍ ଷ୍ଟେସନ୍  ଶୁଭାରମ୍ଭ            ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଅମୃତ୍ ଭାରତ୍ ଷ୍ଟେସନ୍ ଯୋଜ୍‌ନାଥି ଦେଶର୍ ଶହେ ୩ ଟା ରେଲ୍‌ଷ୍ଟେସନ୍‌ର ପୁର୍ନବିକାଶ୍ କାମ୍‌କେ ଉଦ୍‌ଘାଟନ୍ କର୍‌ବେ । ୧୧ ଶହ କୋଟି ନୁ ଅଏତ୍‌କା ଟଙ୍କା ଖର୍ଚ୍ଚା କରାଯାଇକରି ୧୮ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ ଅଂଚଲ୍ ନ ଇ ଅମୃତ ଷ୍ଟେସନ୍‌ମାନ୍‌କର୍ ଶୁଭାରମ୍ଭ ହେବା । ଦିନର୍ ସାଢ଼େ ୧୧ ବଜେ ରାଜସ୍ଥାନ୍ ର ବିକାନେର୍ ଠାନେ ପ୍ରଧାନ୍‌ମନ୍ତ୍ରୀ ଅମୃତ୍ ଷ୍ଟେସନ୍ ମାନ୍‌କର୍ ଉଦ୍‌ଘାଟନ୍ କର୍‌ବାର୍ ସହେତେ ବିକାନେର୍- ମୁମ୍ବାଇ ଏକ୍ସପ୍ରେସ୍ ଟ୍ରେନ୍‌ର ଭିଲ୍ ଶୁଭାରମ୍ଭ୍ କର୍‌ବେ ।

ମୁଖ୍ୟମନ୍ତ୍ରୀ- ଯାଜ୍‌ପୁର୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ସଖାଲର୍ ୧୦ ବଜେ ଯାଜ୍‌ପୁର୍ କଳିଙ୍ଗ ନଗର୍ ଠାନେ ପାଖାପାଖ୍ ୧ ଲାଖ୍ ୧୫ ହଜାର୍ କୋଟି ଟଙ୍କାର ୧୨ ଟା ପ୍ରକଳ୍ପର୍ ଶିଲାନ୍ୟାସ୍ ଆର୍ ୪ ଟା ପ୍ରକଳ୍ପର୍ ଉଦ୍‌ଘାଟନ୍ କର୍‌ବେ । ଇ ପ୍ରକଳ୍ପମାନ୍‌କର୍ ଲାଗି ପୁଞ୍ଜି ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍ ଜରିଏ ଓଡ଼ିଶାକେ ଆସିଛେ । ଇସବୁ କାର୍ଯ୍ୟକାରୀ ହେଲେ ରାଏଜେ ୩୫ ହଜାର୍ ନିଯୁକ୍ତି ତିଆର୍ ହେବା ବଲି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ ।

ବସ୍ତି ବସିନ୍ଦା ମୌଳିକା ସୁବିଧା- ମୁଖ୍ୟମନ୍ତ୍ରୀ I&PR

ରାଏଜେ ବସ୍ତି ବସିନ୍ଦାଙ୍କୁ ସବୁ ପ୍ରକାରର୍ ମୌଳିକ୍ ସୁବିଧା ଦିଆଯିବାର୍ ଉପ୍‌ରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଜୋର୍ ଦେଇଛନ୍ । ଇ ବାବ୍‌ଦେ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗୁଟେ ବୈଠକ୍ ହେଇଥିଲା । ବସ୍ତିବାସିନ୍ଦାଙ୍କୁ ଘର୍ ସହେତେ ସଡ଼କ୍, ବିଜ୍‌ଲି, ପାଏନ୍, ଅଙ୍ଗନ୍‌ବାଡ଼ି କେନ୍ଦ୍ର, ସ୍କୁଲ୍, ପାର୍କ ବାଗିର୍ ସବୁ ମୌଳିକ୍ ସୁବିଧା ଯୁଗେଇ ଦେବାର୍ ଲାଗି ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ଇଥିର୍‌ଲାଗି ଖାସ୍ କାର୍ଯ୍ୟକ୍ରମ୍ ପ୍ରସ୍ତୁତ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ ।

ଦିବ୍ୟାଙ୍ଗ - ବର୍ଦ୍ଧିତ ଭତା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସରକାର ୮୦ ଭାଗରୁ ଅଧିକ ଦିବ୍ୟାଙ୍ଗ ହୋଇଥିବା ଲୋକଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ୩ ହଜାର ୫ ଶହ ଟଙ୍କା ଲେଖା ଭତ୍ତା ଦେବାକୁ ଘୋଷଣା କରିଛନ୍ତି । ୮୩ ହଜାର ଶହେ ୩୫ ଜଣ ଦିବ୍ୟାଙ୍ଗ ହିତାଧିକାରୀ ଏହି ବର୍ଦ୍ଧିତ ଭତ୍ତା ପାଇପାରିବେ ।  ସେହିପରି ଜୁନ ମାସଠାରୁ ୮୦ ବର୍ଷ ହୋଇଥିବା ବରିଷ୍ଠ ନାଗରିକମାନଙ୍କୁ ମଧ୍ୟ ଏହି ଭତ୍ତା ଦିଆଯିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଜୁନ ମାସରୁ ଏହି ବର୍ଦ୍ଧିତ ଭତ୍ତା ହିତାଧିକାରୀମାନେ ପାଇପାରିବେ ବୋଲି ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗତକାଲି ବିଭାଗର କାମକାଜ ସମୀକ୍ଷା କରିକରି ସୂଚନା ଦେଇଛନ୍ତି ।

ଓଡ଼ିଶା ସୂଚନା କମିଶନ                ଆରଏନଏ/ ସମ୍ବଲପୁର

ଓଡ଼ିଶା ସୂଚନା କମିଶନ ନ ଇଥର ଖରାଛୁଟି ନାହିଁ ହୁଏ । ଏହି ସମୟରେ ଭିତରେ ମାମଲାମାନଙ୍କର ଶୁଣାଣି ଜାରି ରହିବ ବୋଲି ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ା କହିଛନ୍ତି । ସୂଚନା କମିଶନ ଗୋଟେ ପୂର୍ଣ୍ଣାଙ୍ଗ ନ୍ୟାୟାଳୟ ନୁହେଁ, ସେଥିପାଇଁ ଖରାଛୁଟି ନାହିଁ ହୁଏ ବୋଲି ଶ୍ରୀ ପରିଡ଼ା ସ୍ପଷ୍ଟ କରିଛନ୍ତି ।

ପୁରୀ -ଛତିଶା ନିଯୋଗ୍ ବୈଠକ    ଆର୍ଏନ୍ୟୁ/ ସମ୍ବଲପୁର

ପୁରୀ ରଥଯାତ୍ରା ଆଉ ସ୍ନାନଯାତ୍ରା ଲାଗି ନୀତି ନିର୍ଘଂଟ ଧାରିଜ୍ କରାଯାଇଛେ । ଗଲାକାଏଲ୍ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀଙ୍କର୍ ଅଧକ୍ଷତାଥି ବସିଥିବା ଛତିଶା ନିଯୋଗ୍ ବୈଠକ୍ର୍ ସୂଚ୍ନା ଅନ୍ସାରେ ଜୁନ୍ ୧୧ ତାରିଖ୍ ଦେବସ୍ନାନ ପୂର୍ଣ୍ଣିମା ଦିନ ସଖାଲର୍ ୫ ବଜେନୁ ଦିନର୍ ୧୨ ବଜେତକ୍ ପହଣ୍ଡି କରାଯାଇକରି ଦିନର୍ ୧୨ ବାଜିକରି ୨୦ ମିନିଟ୍ନୁ ୧ ବାଜିକରି ୪୫ ମିନିଟ୍ ଭିତ୍ରେ ବିଗ୍ରହମାନ୍କର୍ ଜଳବିଜେ, ପୂଜା ଆଉ ସ୍ନାନନୀତି କରାଯିବା । ସେନ୍ତା ୨୭ ତାରିଖ୍ ରଥଯାତ୍ରା ଦିନ ସକାଳ ମଙ୍ଗଳ ଆଲ୍ତୀ କରାଯାଇକରି ସାଢ଼େ ୯ ବଜେ ପହଣ୍ଡି ମୁଲ୍ କରାଯିବା ।

ଅମିତାଭ କାନ୍ତ    ଆର୍ଏନ୍ୟୁ/ ସମ୍ବଲପୁର

ଜି-ଟ୍ୱେଂଟି ସେର୍ପା ଆଉ ନୀତି ଆୟୋଗ୍ର ଆଘର୍ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତାଭ କାନ୍ତ ଗଲାକାଏଲ୍ ଡେବ୍ରିଗଡ଼୍ ବନ୍ୟପ୍ରାଣୀ ଅଭୟାରଣ୍ୟ ପରିଦର୍ଶନ୍ କରିଛନ୍ । ଶ୍ରୀ କାନ୍ତ ଇନର୍ ଇକୋ ଟୁରିଜମ୍ ସଦସ୍ୟମାନ୍କର୍ ସହେତେ ଆଲୋଚନା କରିକରି ଡେବ୍ରିଗଡ଼୍ ଇକୋ

ଟୁରିଜମ୍ ଭାରତ୍‌ର ଗୁଟେ ସବୁନୁ ଭଲ୍ ପରିବେଶ୍ ପର୍ଯ୍ୟଟନ୍‌ର କେନ୍ଦ୍ରସ୍ଥଲ୍ ହେଇପାରିଛେ ବଲି କହିଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ପରିଷଦ୍ ବୈଠକ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ପରିଷଦ୍‌ର ଗୁଟେ ବୈଠକ୍ ଗଲାକାଏଲ୍ ପରିଷଦ୍‌ର ଅଧ୍ୟକ୍ଷାଙ୍କର୍ ସଭାପତିତ୍ୱିଥି ହେଇଯାଇଛେ । ବୈଠକ୍‌ଥି ବୀର୍‌ମହାରାଜ୍‌ପୁର୍ ବିଧାୟକ୍ ରଘୁନାଥ ଜଗ୍‌ଦଲା, ଜିଲ୍ଲାପାଲ୍ ଅନ୍ୟା ଦାସ, ଅଧିକାରୀ ଆର୍ ଜନପ୍ରତିନଧିମାନେ ଯୋଗ୍ ଦେଇକରି ଜିଲ୍ଲାର୍ ସର୍ବାଙ୍ଗିନ୍ ବିକାଶ୍ ଲାଗି ସବୁ ବିଭାଗ୍ ମିଶିକରି କାମ୍ କର୍‌ବାର୍ ବାବ୍‌ଦେ ଆଲୋଚନା କରିଥିଲେ । ବୈଠକ୍‌ଥି ମେଗା ପାଇପ୍ ଲାଇନ୍ ପ୍ରକଳ୍ପ, ବିଦ୍ୟୁତ୍, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ବାଗିର୍ ଭିନ୍ ଭିନ୍ ବିଭାଗ୍‌ର କାମ୍ କାଜ୍ ଉପ୍‌ରେ ଆଲୋଚନା କରାଯାଇଥିଲା ।

ଜିଲ୍ଲା ଉନ୍ନୟନ୍ ସମିତି ବୈଠକ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ଉନ୍ନୟନ୍ ସମିତି ବୈଠକ୍ ଆଉ ଗ୍ରାମସଭା ହେଇଯାଇଛେ । ଜିଲ୍ଲାର୍ ସବୁ ବିଭାଗ୍ ଭିତ୍‌ରେ ତାଲ୍‌ମେଲ୍ ରଖିକରି ସାମଗ୍ରୀକ୍ ବିକାଶ୍‌କେ ତୁର୍‌ତି କର୍‌ବାର୍

ଲାଗି ଜିଲ୍ଲାପାଳ୍ ନିର୍ଦ୍ଦେଶ୍ ଦେଇଛନ୍ । ବୈଠକ୍‌ଥି ଆରକ୍ଷୀ ଅଧିକ୍ଷକ୍ ଜି.ଆର୍. ରାଘବେନ୍ଦ୍ର ରେଡ୍ଡୀଙ୍କର୍ ସହେତେ ଜିଲ୍ଲା ଆଉ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଆଇଟିଡିଏ ତିଲେଇବଣି ପ୍ରକଳ୍ପସ୍ତରୀୟ ବୈଠକ/ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଳ୍‌ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ୍ ସଂସ୍ଥା - ଆଇଟିଡିଏ ତିଲେଇବଣି ର ପ୍ରକଳ୍ପସ୍ତରୀୟ ବୈଠକ୍ ହେଇଯାଇଛେ । ଆଇଟିଡିଏ ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀଙ୍କର୍ ଆବାହନ୍‌ଥି ହେଇଥିବା ବୈଠକ୍‌ନୁ ଜିଲ୍ଲାପାଳ୍ କବୀନ୍ଦ୍ର କୁମାର୍ ସାହୁ ଯୋଗ୍ ଦେଇକରି ତିଲେଇବଣି ବ୍ଲକ୍‌ର ଅନୁସୂଚିତ ଜନଜାତି ମାନ୍‌କର୍ ଲାଗି କେନ୍ଦ୍ର ସର୍କାର୍‌ଙ୍କର୍ ଭିନ୍ ଭିନ୍ ଅନୁଦାନ୍ ମାନ୍‌କର୍ ସୁବିନିଯୋଗ୍ ଉପ୍‌ରେ ଆଲୋଚନା କରିଥିଲେ ।

ଖେଲୋ ଇଣ୍ଡିଆ ଫୁଟ୍‌ବଲ୍ ଚମ୍ପିଆନ୍‌ସିପ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦାମନ୍ ଆଉ ଡିଉ ଠାନେ ଚାଲିଥିବା ପହେଲା ଖେଲୋ ଇଣ୍ଡିଆ ଫୁଟ୍‌ବଲ୍ ଚମ୍ପିଆନ୍‌ସିପ୍‌ଥି ଓଡ଼ିଶା ଦଲ୍ ଗଲାକାଏଲ୍ ଆନ୍ଧ୍ରପ୍ରଦେଶ୍ ଦଲ୍‌କେ ୧୬-୧

ଗୋଲ୍ଥି ହରେଇଛେ । ସୂଚ୍ନା ଅନ୍ସାରେ ଇତାର୍ ଆଘୋନୁ ଓଡ଼ିଶା ଦଲ୍ ମଧ୍ୟପ୍ରଦେଶ୍ ଦଲ୍କେ ଭିଲ୍ ହରେଇଥିଲା ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଆଏବା ୩/୪ ଦିନ୍ ଭିତ୍ରେ ମୌସୁମୀ ବାୟୁ କେରଳ ପୁହୁଁଚିପାରେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ । ସେଆଡ଼େ ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଘଡ଼୍ଘଡ଼ି ସଙ୍ଗେ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଝାର୍ସୁଗୁଡ଼ା, ବର୍ଗଡ଼୍, ସୁନ୍ଦର୍ଗଡ଼୍, ସହେତେ ୧୦ ଟା ଜିଲ୍ଲାକେ ଜବର୍ ଧୁକାଗର୍ଡ଼ି ଲାଗି ପାଣିପାଗ୍ କେନ୍ଦ୍ର ସତର୍କ କରିଛେ ।